ସୋଭ୍ରିନ୍ ନିଟ୍ କାର୍ଯ୍ୟ ଇତ୍ୟାଦି

ବନାମ

କର୍ମଚାରୀ ରାଜ୍ୟ ବୀମା ନିଗମ ଏବଂ ଅନ୍ୟଜଣେ ଇତ୍ୟାଦି

ନଭେମ୍ବର 28, 1996

[କେ. ରାମାସ୍ୱାମୀ ଏବଂ ଜି.ଟି. ନାନାବତୀ, ନ୍ୟାୟମୂର୍ତ୍ତିଦ୍ୱୟ]

*କର୍ମଚାରୀ ରାଜ୍ୟ ବୀମା ଅଧିନିୟମ, 1948 : ଧାରାଗୁଡିକ 75(2), 85-B, 94-A ଏବଂ 95-A ଏବଂ ବିନିୟମନ 26,31-A (1979 ରେ ସଂଶୋଧିତ ଭାବରେ) ଏବଂ 34 ।*

*କର୍ମଚାରୀ ରାଜ୍ୟ ବୀମା — ନିଯୁକ୍ତିଦାତାଙ୍କ ଅର୍ଥଦାନ — ଦେୟ ପାଇଁ ପ୍ରକ୍ରିୟା — ବିଳମ୍ବରେ ଦେୟ ଉପରେ କ୍ଷତି ଏବଂ ସୁଧ ପ୍ରଦାନ — ଅପିଲକାରୀଙ୍କ ଦ୍ୱାରା ଅର୍ଥଦାନରେ ବିଳମ୍ବ — ପ୍ରତିଷ୍ଠାନ — ଦେୟରେ ବିଳମ୍ବ ପାଇଁ କ୍ଷତି ଲାଗୁ କରାଯାଇଛି — ବୀମା ନ୍ୟାୟାଳୟ ଦ୍ୱାରା ବଜାୟ ରହିଥିବା କ୍ଷତି — ଅପିଲ — ଦର୍ଶାଯାଇଛି, ବିନିୟମନ 31-A ଆବଶ୍ୟକ କରେ ଯେ, ନିଯୁକ୍ତିଦାତା ନିଗମକୁ ସଠିକ ଭାବରେ ମୁଦ୍ରାଙ୍କିତ ପତ୍ର ଉପସ୍ଥାପନ କରିବେ — ବିନିୟମନ 31-A ଏହା ମଧ୍ୟ ଆବଶ୍ୟକ କରେ ଯେ, କେବଳ ପତ୍ରକୁ ସଠିକ ଭାବରେ ମୁଦ୍ରାଙ୍କିତ କରାଯିବା ନୁହେଁ, ବରଂ ନିଗମ ସହିତ ନିଯୁକ୍ତିଦାତା ଏବଂ କର୍ମଚାରୀଙ୍କ ଅର୍ଥଦାନ ଜମା ହେବାର ଉପଯୁକ୍ତ ଅନୁପାଳନକୁ ସୂଚିତ କରିବା ମଧ୍ୟ ଆବଶ୍ୟକ — ଅଧିନିୟମ ଅନୁଯାୟୀ ଆବଶ୍ୟକୀୟ ଅର୍ଥଦାନ ଜମାର ଅଧିନିୟମର ବ୍ୟବସ୍ଥା ଅନୁଯାୟୀ, ଅପିଲକାରୀମାନେ ଅନୁପାଳନ ପ୍ରମାଣ କରିବାରେ ବିଫଳ ହୋଇଛନ୍ତି — କ୍ଷତିପୂରଣର ଆରୋପଣ ଓ ସୁଧ ଆଦାୟ ବୈଧ ଅଟେ ।*

କର୍ମଚାରୀ ରାଜ୍ୟ ବୀମା ନିଗମ — ଅଧିକାରୀମାନଙ୍କୁ କ୍ଷମତା ପ୍ରଦାନ — ର ବୈଧତା ।

ଦେୱାନୀ ଅପିଲ ଅଧିକାରିତା : ଦେୱାନୀ ଅପିଲ ସଂଖ୍ୟା 402 (ଏନ୍.ଏଲ୍.)/1986 ଇତ୍ୟାଦି ।

କର୍ମଚାରୀ ରାଜ୍ୟ ବୀମା ନ୍ୟାୟାଳୟ, ଫରିଦାବାଦର ମାମଲା ସଂଖ୍ୟା 6A/1984 ରେ 14.8.85 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ପାଇଁ ଏସ୍.କେ. ଗମ୍ଭୀର ।

ଉତ୍ତରଦାତାମାନଙ୍କ ପାଇଁ ପି.ଏ. ଚୌଧୁରୀ, କେ.ଏନ୍. ନାଗପାଳ ଏବଂ ସି.ଭି.ଏସ୍. ରାଓ ।

ନ୍ୟାୟାଳୟର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଅପିଲଗୁଡ଼ିକ ହରିୟାଣାର ଫରିଦାବାଦସ୍ଥିତ ଇ.ଏସ୍.ଆଇ. ନ୍ୟାୟାଳୟର ଆଦେଶରୁ ଉତ୍ପନ୍ନ ହୋଇଥାଏ । ସିଏ ସଂଖ୍ୟା 402/86 ରେ ଥିବା ତଥ୍ୟ ସବୁ ଅପିଲର ଫଏସଲା ପାଇଁ ଯଥେଷ୍ଟ ଅଟେ । ଅପିଲକାରୀମାନେ ହେଉଛନ୍ତି କର୍ମଚାରୀ ରାଜ୍ୟ ବୀମା ଅଧିନିୟମ 1948 (ସଂକ୍ଷେପରେ, 'ଅଧିନିୟମ') ର ବ୍ୟବସ୍ଥା ଅଧୀନରେ ଅନ୍ତର୍ଭୁକ୍ତ ପ୍ରତିଷ୍ଠାନ । ସେମାନେ 1980-81 ବର୍ଷ ପାଇଁ ଅର୍ଥଦାନ ପ୍ରଦାନ କରିନଥିଲେ । ତେଣୁ ନିଗମ 1982 ମସିହା ଡିସେମ୍ବର 31 ତାରିଖରେ ଅଧିସୂଚନା ଜାରି କରି ଅପିଲକାରୀମାନଙ୍କୁ ସୁଧ ସହିତ ବିଳମ୍ବରେ ଦେୟ ଉପରେ କ୍ଷତି ଭରଣା କରିବାକୁ ଆହ୍ୱାନ କରିଥିଲେ । ଅପିଲକାରୀମାନେ 14 ଫେବୃଆରୀ, 1983 ରେ ଆବେଦନ ଦ୍ୱାରା ଏହାକୁ ବିରୋଧ କରିଥିଲେ । ନିଗମ, ଆପତ୍ତି ଗୁଡ଼ିକୁ ରଦ୍ଦ କରି, ଫେବୃଆରୀ 18,1983 ରେ ଏହି ଆଦେଶ ପାରିତ କରି କ୍ଷତିପୂରଣ ବାବଦକୁ 8843 ଟଙ୍କା ଲାଗୁ କରିଥିଲେ । ଅପିଲକାରୀମାନେ ବୀମା ନ୍ୟାୟାଳୟରେ ଅଧିନିୟମର ଧାରା 75 (2) ଅନୁଯାୟୀ ଆବେଦନ ଦାଖଲ କରି ଏହାକୁ ଆପତ୍ତି କରିଥିଲେ । ବୀମା ନ୍ୟାୟାଳୟ ଅଗଷ୍ଟ 14,1985 ରେ ଏହାର ଆଦେଶ ଦ୍ୱାରା କ୍ଷତିପୂରଣକୁ ବଜାୟ ରଖିଛନ୍ତି । ଯେହେତୁ 1981 ର ସିଏ ସଂଖ୍ୟା 2057 ଏବଂ 2058 ଏହି ନ୍ୟାୟାଳୟରେ ବିଚାରାଧୀନ ଥିଲା, ସେମାନେ ଉଚ୍ଚ ନ୍ୟାୟାଳୟରେ ଅପିଲ ପ୍ରତିକାରର ସୁବିଧା ନନେଇ ସ୍ୱତନ୍ତ୍ର ଅନୁମତି ଦ୍ୱାରା ଅପିଲ ଦାଖଲ କରିଥିଲେ ।

ଅପିଲକାରୀଙ୍କ ବିଜ୍ଞ ଅଧିବକ୍ତା ଶ୍ରୀ ଏସ୍.କେ. ଗମ୍ଭୀର ଦୁଇଟି ଯୁକ୍ତି ଉପସ୍ଥାପନ କରିଛନ୍ତି । ପ୍ରଥମତଃ, ଏହା ଯୁକ୍ତି କରାଯାଉଛି ଯେ ଅଧିନିୟମର ଧାରା 94-A ଅନୁଯାୟୀ, ନିଗମକୁ ଜଣେ ଅଧିକାରୀଙ୍କୁ କ୍ଷମତା ପ୍ରଦାନ କରିବାର କ୍ଷମତା ଦିଆଯାଇଛି, କିନ୍ତୁ ଅନ୍ୟ କୌଣସି ଅଧିକାରୀଙ୍କୁ ପୁନଶ୍ଚ କ୍ଷମତା ପ୍ରଦାନ କରିବାର କ୍ଷମତା ଅଫିସର-ପ୍ରତିନିଧିଙ୍କର ନାହିଁ । ତେଣୁ, ଅଧିକାରୀଙ୍କ ଦ୍ୱାରା କ୍ଷମତାର ପ୍ରୟୋଗ ଆଇନ ଅନୁସାରେ ଭୁଲ ଅଟେ । ଯେତେବେଳେ ଆମେ ଶ୍ରୀ ଏସ୍.କେ. ଗମ୍ଭୀରଙ୍କୁ ଅଧିକାରୀଙ୍କୁ ପ୍ରାଧିକୃତ କରୁଥିବା ନିଗମ ଦ୍ୱାରା ପାରିତ ଆଦେଶ ଉପସ୍ଥାପନ କରିବାକୁ ଅନୁରୋଧ କଲୁ, ସେ ନିଗମ ଦ୍ୱାରା ପାରିତ ଆଦେଶ ଉପରେ ଉପସ୍ଥାପନା ରଖିବାରେ ଅସମର୍ଥ ହୋଇଥିଲେ । କିନ୍ତୁ ସେ ଯୁକ୍ତି କରିବାକୁ ଚାହାଁନ୍ତି ଯେ ଆଞ୍ଚଳିକ ନିର୍ଦ୍ଦେଶକ, ଜଣେ ଶ୍ରୀଯୁକ୍ତ ଜି.ଆର୍. ନାୟାର ଜଣେ ପ୍ରତିନିଧି ଅଧିକାରୀ ଥିଲେ ଯାହାଙ୍କୁ ନିଗମ ଏହାର ସଂକଳ୍ପ ଅନୁଯାୟୀ କ୍ଷମତା ପ୍ରଦାନ କରିଥିଲା । ତେଣୁ, ଏହି ଆଦେଶ ଆଇନ ଅନୁସାରେ ଭୁଲ ଅଟେ । ଯେ ପର୍ଯ୍ୟନ୍ତ ଆମେ ନିଗମ ଦ୍ୱାରା ପାରିତ

ଆଦେଶକୁ ଯାଞ୍ଚ କରୁନାହୁଁ, ଏହା ଆଉ ଏକ କ୍ଷମତା ଅର୍ପଣ କି ନାହିଁ ତାହା ଜାଣିବା କଷ୍ଟକର ଅଟେ । ଅଧିନିୟମର ଧାରା 95-A ଅନୁଯାୟୀ ଏହା ଦେଖିବାକୁ ମିଳିଛି ଯେ, ନିଗମକୁ ଏହାର ଯେକୌଣସି ଅଧିକାରୀଙ୍କୁ କ୍ଷମତା ପ୍ରଦାନ କରିବାର କ୍ଷମତା ଦିଆଯାଇଛି । ଏହା ସ୍ପଷ୍ଟ ହେବ ଯେ ଆଞ୍ଚଳିକ ନିର୍ଦ୍ଦେଶକ ଏହି ଅଞ୍ଚଳର ଅଧିକାରୀମାନଙ୍କ ମଧ୍ୟରୁ ଜଣେ; ଅବଶ୍ୟ, ସେ ନିଗମ ତରଫରୁ ଅଧିନିୟମ ଅନୁଯାୟୀ କ୍ଷମତା ପ୍ରୟୋଗ କରିବାକୁ ଜଣେ ଦକ୍ଷ ଅଧିକାରୀ ଅଟନ୍ତି । ନିମ୍ନ ନ୍ୟାୟାଳୟରେ ଏହା ସ୍ୱୀକାର କରାଯାଇଥିଲା ଯେ ସେ ଏପରି ଅଧିକୃତ ଥିଲେ । ତେଣୁ, ବିଳମ୍ବରେ ଦେୟ ପାଇଁ କ୍ଷତି ଏବଂ ସୁଧ ଲାଗୁ କରିବା ପାଇଁ ଆଦେଶ ପାରିତ କରିବାର କ୍ଷମତା ଅଧିକାରୀଙ୍କ ପାଖରେ ରହିଛି ।

ଏହା ପରେ ଯୁକ୍ତି କରାଯାଏ ଯେ ଏହି ଅଧିନିୟମ ଅନୁଯାୟୀ ବିନିୟମନର ନିୟମ 26 ଏବଂ 34 ଅନୁଯାୟୀ ଯାହା ଆବଶ୍ୟକ ତାହା ହେଉଛି ଅର୍ଥଦାନ ମୁଦ୍ରାଙ୍କିତ କ୍ରୟ କରିବା, ସେଗୁଡ଼ିକୁ ସଂଲଗ୍ନ କରିବା ଏବଂ ଠିକ ସମୟରେ ସେଗୁଡ଼ିକୁ ବାତିଲ କରିବା । ଯଦି ଏହା ନିଯୁକ୍ତିଦାତାଙ୍କ ଦ୍ୱାରା କରାଯାଏ, ତେବେ ଏହା କୁହାଯାଇପାରିବ ଯେ ନିଯୁକ୍ତିଦାତା ଅର୍ଥଦାନ ରାଶି ଠିକ ସମୟରେ ପ୍ରଦାନ କରିଛନ୍ତି । ଯଦିଓ ବିନିୟମନ 31-A ଯାହା 1979 ର ସଂଶୋଧନ ଦ୍ୱାରା ଅଣାଯାଇଥିଲା, ତଥାପି ନିଯୁକ୍ତିଦାତା ନିଗମକୁ ସଠିକ ଭାବରେ ମୁଦ୍ରାଙ୍କିତ ହୋଇଥିବା ପତ୍ର ଦାଖଲ କରିବାକୁ ଆବଶ୍ୟକ କରନ୍ତି ଯାହା ଅନ୍ତର୍ଭୁକ୍ତ ହୋଇଥିବା କର୍ମଚାରୀଙ୍କ ସମ୍ପର୍କରେ ରାଶି ପ୍ରଦାନ କରାଯାଇଛି ବୋଲି ଦର୍ଶାଇବା ପାଇଁ କେବଳ ଏକ ପ୍ରକ୍ରିୟାଗତ ଆନୁଷ୍ଠାନିକତା ଅଟେ । ଯେହେତୁ ପତ୍ରଗୁଡିକ ସଠିକ ଭାବରେ ମୁଦ୍ରାଙ୍କିତ କରାଯାଇଥିଲା, ତେଣୁ ଜୋରିମାନା ଲାଗୁ କରିବା ପାଇଁ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିଆଯାଇଥିବା ପଦକ୍ଷେପ ଆଇନ ଅନୁସାରେ ଭୁଲ ଅଟେ । ଯୁକ୍ତିରେ ଆମେ କୌଣସି ଦୃଢତା ପାଉନାହୁଁ ।

ଏହା ଦେଖିବାକୁ ମିଳିଛି ଯେ 1979 ରେ ସଂଶୋଧିତ ହୋଇଥିବା ବିନିୟମନ 31-A ଅନୁଯାୟୀ, କେବଳ ପତ୍ରକୁ ସଠିକ ଭାବରେ ମୁଦ୍ରାଙ୍କିତ କରାଯିବା ଉଚିତ ନୁହେଁ, ବରଂ ମଧ୍ୟ ନିଗମ ସହିତ ନିଯୁକ୍ତିଦାତା ଏବଂ କର୍ମଚାରୀଙ୍କ ଅର୍ଥଦାନ, ଜମା ହେବାର ଉପଯୁକ୍ତ ଅନୁପାଳନକୁ ସୂଚିତ କରିବା ପାଇଁ ମଧ୍ୟ ଏହା ଉପସ୍ଥାପନ କରାଯିବା ଉଚିତ ଅଟେ । ତାହା କରାଯାଇନାହିଁ । ବୀମା ନ୍ୟାୟାଳୟ ଏହା ଏକ ସତ୍ୟ ଭାବରେ ସ୍ୱୀକାର କରିଛନ୍ତି ଯେ, ଏହି ଆଦେଶର ଅନୁପାଳନ କରାଯାଇନାହିଁ । ଅଧିନିୟମର ଧାରା 85-B ଅନୁଯାୟୀ ଆବଶ୍ୟକୀୟ ଅର୍ଥଦାନ ଜମା କରିବାର ଅଧିନିୟମର ବ୍ୟବସ୍ଥା ଅନୁଯାୟୀ, ଅପିଲକାରୀମାନେ ଅନୁପାଳନ ପ୍ରମାଣ କରିବାରେ ବିଫଳ ହୋଇଛନ୍ତି । ଅପିଲକାରୀମାନେ ବିଳମ୍ବରେ ଦେୟ ଉପରେ କ୍ଷତି ଏବଂ ସୁଧ ଲାଗୁ କରିବା ଭଳି ବ୍ୟବସ୍ଥାର ଭଙ୍ଗ କରିଥିଲେ ।

ତଦନୁସାରେ ଅପିଲଗୁଡ଼ିକ ଖାରଜ ହୋଇଥାଏ । କୌଣସି ଖର୍ଚ୍ଚ ନାହିଁ ।

ଟି.ଏନ୍.ଏ. ଅପିଲଗୁଡିକ ଖାରଜ ହେଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ।"

**ଅନୁବାଦକ**

 କଲ୍ୟାଣକର ସାହୁ

ଓଡ଼ିଶା ଉଚ୍ଚ ନ୍ୟାୟାଳୟ